# କୃଷିଜାତ ଦ୍ରବ୍ୟର ସହଜ ବିକ୍ରି ପାଇଁ ପଦକ୍ଷେପ

UDAQ NO- 2040 24.09.2025

ଶ୍ରୀ ଅରୁଣ କୁମାର ସାହୁ : ସମବାୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଗହମ, ଡାଲି ଜାତୀୟ ଶସ୍ୟ, ତୈଳବୀଜ ସହିତ ବିଲାତି ପରି କେତେକ କୃଷିଜାତ ଦ୍ରବ୍ୟର ଅଭବି ବିକ୍ରିର ଅଭିଯୋଗ ଆସିଥାଏ , ଏହାର ନିରାକରଣ ସକାଶେ ରାଜ୍ୟର ବିଭିନ୍ନ ସ୍ଥାନରେ ମଣ୍ଡି ସ୍ଥାପନ କରି , ସମସ୍ତ କୃଷିଜାତ ଦ୍ରବ୍ୟର ସହଜ ବିକ୍ରି ପାଇଁ ସୁଯୋଗ ସୃଷ୍ଟି କରିବା ସହିତ ଆବଶ୍ୟକ ସ୍ଥଳେ କ୍ଷତି ଭରଣା ପାଇଁ ସରକାରୀ ପ୍ରୋତ୍ସାହନ ଦେବାକୁ ବିଚାର କରିବେ କି ?

## ଉତ୍ତର

ପ୍ରଦିପ ବଳ ସାମନ୍ତ

ସମବାୟ ମନ୍ତ୍ରୀ

ରାଜ୍ୟରେ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା କୃଷିଜାତ ଦ୍ରବ୍ୟ ଯଥା- ଡାଲି ଓ ତୈଳବୀଜ ପ୍ରଭୃତି ଶସ୍ୟକୁ ସମବାୟ ବିଭାଗ ଅଧୀନରେ ଥିବା ଶୀର୍ଷ ସମବାୟ ସମିତି MARKFED ମାଧମରେ Price Support Scheme ( ସହାୟକ ମୂଲ୍ୟ ଯୋଜନା ) ଅଧୀନରେ ଓଡିଶା ଚାଷୀଙ୍କ ଠାରୁ ସରକାରୀ ଧାର୍ଯ୍ୟ ମୁଲ୍ୟରେ କ୍ରୟ କରାଯାଇ ଥାଏ। MARKFED ଦ୍ୱାରା ଏହି ଯୋଜନାକୁ ସୁପରିଚାଳନା କରିବା ପାଇଁ ରାଜ୍ୟ ସରକାର ପ୍ରତି ବର୍ଷ 100 କୋଟି ଟଙ୍କା ର ସୁଧ ବିହୀନ ଋଣର ବ୍ୟବସ୍ଥା ସହିତ ଏହି ସବୁ ଶସ୍ୟ ଉପରେ ମାର୍କେଟ ଫି ଛାଡ କରିଥାନ୍ତି ।

MARKFED ଦ୍ୱାରା ବିଗତ 3 ବର୍ଷରେ ରବି ଋତୁରେ କ୍ରୟ କରାଯାଇଥିବା ଡାଲି ଓ ତୈଳ ବୀଜ ଦ୍ରବ୍ୟର ବିବରଣୀ <u>ପରିଶିଷ୍ଟ କ</u> ରେ ସଲଗ୍ନ କରାଗଲା।

ରାଜ୍ୟରେ ଚାଷୀମାନଙ୍କ ଦ୍ୱାରା ଉତ୍ପାଦିତ ହେଉଥିବା କୃଷିଜାତ ଦ୍ରବ୍ୟର ସୁ-ବିକ୍ରିବଟା ତଥା ଚାଷୀଙ୍କୁ ଉଚିତ ମୂଲ୍ୟ ପ୍ରଦାନ ଉଦ୍ଦେଶ୍ୟରେ ଓଡିଶାରେ କାର୍ଯ୍ୟକ୍ଷମ ଥିବା ସମସ୍ତ 66 ଗୋଟି ନିୟନ୍ତ୍ରିତ ବଜାର କମିଟି ସହିତ 55 ଗୋଟି ଉପ ବଜାର ପ୍ରାଙ୍ଗଣକୁ-ରାଷ୍ଟ୍ରୀୟ କୃଷି ବଜାର (e-NAM) ସହ ସଂଯୋଗ କରାଯାଇଅଛି ।

ରାଜ୍ୟ କ୍ୟାବିନେଟ୍ 13.08.2025 ର 24ତମ ବୈଠକରେ "ମଡେଲ୍ ମଣ୍ଡି" ଯୋଜନାକୁ 2025-26 ରୁ 2026-27 ପର୍ଯ୍ୟନ୍ତ ଦୁଇ ବର୍ଷ ପାଇଁ ଅନୁମୋଦନ କରାଯାଇଅଛି । ଏହି ଯୋଜନାରେ ସାରା ରାଜ୍ୟରେ ଟ. 300.00 କୋଟି ବ୍ୟୟ ଅଟକଳ କରାଯାଇ ପ୍ରଥମ ପର୍ଯ୍ୟାୟରେ 38 ଟି ମଡେଲ୍ ମଣ୍ଡି ବିକଶିତ କରାଯିବାର ଲକ୍ଷ୍ୟ ରଖାଯାଇଅଛି । ଉକ୍ତ ମଡେଲ୍ ମଣ୍ଡି ନିର୍ମାଣ ହେବା ଦ୍ୱାରା କୃଷିଜାତ ପଦାର୍ଥର ବିପଣନକୁ ସୁ-ବ୍ୟବସ୍ଥିତ କରିବା ପାଇଁ ଏବଂ ଚାଷୀ ମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ଉଦ୍ଦେଶ୍ୟରେ ଗୋଟିଏ ଛାତ ତଳେ ସମସ୍ତ ପ୍ରକାର ଦରକାରୀ ଭିତ୍ତିଭୂମି ଯୋଗାଇ ଦିଆଯିବା ପାଇଁ ଲକ୍ଷ୍ୟ ରଖାଯାଇଅଛି।

ପରିଶିଷ୍ଟ-ଘ

INFORMATION ON PROCUREMENT OF PULSES AND OILSEEDS UNDER PRICE SUPPORT SCHEME(PSS) FOR THE LAST 3 YEARS

| Sl.No. | Commodity | RABI-2023 | | | | | RABI-2024 | | | | | RABI-2025 | | | | |
|---|---|---|---|---|---|---|---|---|---|---|---|---|---|---|---|---|
| | | No. of PACS/LAMPCS | Quantity Procured | | MSP in Rs./Qtl | Amount in Rs. Crore | No.of PACS/LAMPCS | Quantity Procured | | MSP in Rs./Qtl | Amount in Rs. Crore | No.of PACS/LAMP | Quantity Procured | | MSP in Rs./Qtl | Amount in Rs. Crore |
| | | | No. of farmers | Qty. in MT | | | | No. of farmers | Qty. in MT | | | | No. of farmers | Qty. in MT | | |
| 1 | 2 | 8 | 9 | 10 | 11 | 12 | 13 | 14 | 15 | 16 | 17 | 13 | 14 | 15 | 16 | 17 |
| 1 | Green Gram(Mung) | 31 | 2766 | 1878.88 | 7755/- | 14.57 | 31 | 4209 | 3757.567 | 8558/- | 32.157 | 87 | 13693 | 10312.35 | 8682 | 89.53 |
| 2 | Groundnut Pods | 3 | 149 | 116.97 | 5850/- | 0.68 | 12 | 1065 | 1329.18 | 6377/- | 8.47 | 24 | 3931 | 2041.747 | 6783 | 13.85 |
| 3 | Sunflower Seeds | 2 | 155 | 87.723 | 6400/- | 0.56 | 2 | 132 | 69.1 | 6760/- | 0.46 | 4 | 156 | 48.1 | 7280 | 0.35 |
| Grand Total | | 36 | 3070 | 2083.573 | | 15.81 | 45 | 5406 | 5155.847 | | 41.087 | 115 | 17780 | 12402.197 | | 103.73 |